ସକାଳ THE SAKALA



www.sakalaepaper.com

# କାଳବୈଶାଖୀ ବର୍ଷାରେ ଧୋଇଗଲା କେନାଲ ଆଡ଼ି

ବେତନଟୀ, ୨୦।୫(ସମିସ): ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଷୀଙ୍କ ହିତ ପାଇଁ ନିର୍ମାଣ କରିଥିବା ସୁବର୍ଣ୍ଣରେଖା କେନାଲର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।





କାଳବୈଶାଖୀ ବର୍ଷାରେ କେନାଲ ଆଡି ଧୋଇ ନେଉଥିବାରୁ ମୌସୁମୀ ବର୍ଷା ଆସିଲେ ସମ୍ପୂର୍ଣ୍ଣ ଧୋଇଯିବା ଆଶଙ୍କା ଦେଖାଦେଇଛି। କେନାଲ କାର୍ଯ୍ୟ ସମାପ୍ତ ହେବାର ପ୍ରାୟ ୧ ବର୍ଷ ମଧ୍ୟ ପୂରଣ ହୋଇ ନ ଥିବାବେଳେ ଶାଖା କେନାଲ ଓ କେନାଲ ବନ୍ଧ ରାସ୍ତାର ନିର୍ମାଣ ଶୈଳୀ ଓ ରକ୍ଷଣାବେକ୍ଷଣର ସମ୍ପୂର୍ଣ୍ଣ ଅଭାବ ରହିଛି। ଦହିକୋଟି ସମେତ ବିଭିନ୍ନ ସ୍ଥାନରେ ଘାସ ଚେକା ଦିଆ ନ ଯିବା କାରଣରୁ ରାସ୍ତା ଧୋଇ ହୋଇଯାଇଛି। ଫଳରେ ଜନସାଧାରଣଙ୍କ ଯାତାୟାତ କଷ୍ଟକର ହୋଇପଡୁଛି।

ବର୍ଷ ବର୍ଷ ଧରି ଜଳସେଚନ ଆଶାରେ ଚାହିଁ ବସିଥିବା ଚାଷୀ ଏବେ କେନାଲ ଉପରେ ଯାତାୟାତ କରିବାକୁ ଡରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ଉଠିଛି। କେନାଲ ନିର୍ମାଣ ପରେ ଯଥୋଚିତ ରକ୍ଷଣାବେକ୍ଷଣ ନ ହେବା ଯୋଗୁଁ ସରକାରୀ ପୁଞ୍ଜି ବ୍ୟୟ ବ୍ୟର୍ଥ ହେବାର ଆଶଙ୍କା ଦେଖାଦେଇଛି। ଚାଷୀଙ୍କ ଜୀବନ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କେନାଲ ପ୍ରକଳ୍ପର ଦୁର୍ଦ୍ଦଶା ପ୍ରତି ପ୍ରଶାସନିକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏଥିସହିତ ଶୀଘ୍ର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଆରମ୍ଭ କରାଗଲେ ହିଁ ପ୍ରକଳ୍ପର ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

# ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ

ବାରିପଦା, ୨୦।୫(ସମିସ): ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବାରିପଦା ସ୍ଥିତ ଉତ୍ତର ଓଡ଼ିଶା ଜୋନ୍ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଶାଖା କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଚଳିତବର୍ଷ ଜିଲ୍ଲାରେ ୨୩, ୭୦୩ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିବା ବେଳେ ୨୩, ୪୫୮ ଜଣ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୬, ୭୪୪ଜଣ ପ୍ରଥମ ଶ୍ରେଣୀ, ୪, ୭୬୯ ଦ୍ୱିତୀୟ ଶ୍ରେଣୀ, ୮, ୪୩୩ଜଣ ତୃତୀୟ ଶ୍ରେଣୀ ଓ ୧୯୨ଜଣ କମ୍ପାଟମେଣ୍ଟାଲରେ ହୋଇଛନ୍ତି। ତେବେ ସର୍ବମୋଟ ୨୦, ୩୩୮ ଜଣ ପରୀକ୍ଷାର୍ଥୀ ପାସ କରିଥିବା ବେଳେ ପାସହାର ୮୬.୭୦ ପ୍ରତିଶତ ରହିଛି। ବିଜ୍ଞାନରେ ୬, ୫୬୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୬୩୮ ଜଣ ପ୍ରଥମ ଶ୍ରେଣୀ, ୧୨୮୦ଜଣ ଦ୍ୱିତୀୟ ଶ୍ରେଣୀ, ୬୩୫ଜଣ ତୃତୀୟ ଶ୍ରେଣୀ ଓ ୧୩୪ଜଣ କମ୍ପାଲମେଣ୍ଟାଲକୁ ମିଶାଇ ୫୬୮୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ପାସହାର ୮୬.୬୬ ପ୍ରତିଶତ ରହିଛି। କଳାରେ ୧୫, ୫୫୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୪୭ ପ୍ରଥମ ଶ୍ରେଣୀ,

- ମୟୂରଭଞ୍ଜର ପାସ ହାର ୮୬.୭୦%
- କଳାରେ ୮୫.୯୦, ବିଜ୍ଞାନରେ ୮୬.୬୬, ବାଣିଜ୍ୟରେ ୮୨.୨୫ ଓ ଧନ୍ଦାମୂଳକରେ ୭୯.୩୭%

୩୧୩୫ଜଣ ଦ୍ୱିତୀୟ ଶ୍ରେଣୀ, ୭୩୩୨ଜଣ ତୃତୀୟ ଶ୍ରେଣୀ ଓ କମ୍ପାଲମେଣ୍ଟାଲ ୪୬ଜଣ ସହ ୧୩, ୩୬୧ଜଣ ପାସ କରିଛନ୍ତି। କଳାରେ ପାସ ହାର ୮୫.୯୦ ପ୍ରତିଶତ ରହିଛି। ବାଣିଜ୍ୟରେ ୮୩୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୨ଜଣ ପ୍ରଥମ ଶ୍ରେଣୀ, ୧୩୧ଜଣ ଦ୍ୱିତୀୟ ଶ୍ରେଣୀ, ୩୮୯ଜଣ ତୃତୀୟ ଶ୍ରେଣୀ ଓ ୪ଜଣ କମ୍ପାଲମେଣ୍ଟାଲକୁ ମିଶାଇ ମୋଟ ୬୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସହାର ୮୨.୨୫ ପ୍ରତିଶତ ରହିଛି। ଧନ୍ଦାମୂଳକରେ ୫୦୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୬ଜଣ ପ୍ରଥମ ଶ୍ରେଣୀ, ୨୨୩ଜଣ ଦ୍ୱିତୀୟ ଶ୍ରେଣୀ, ୭୭ଜଣ ତୃତୀୟ ଶ୍ରେଣୀ ଓ ୮ଜଣ କମ୍ପାଲମେଣ୍ଟାଲକୁ ମିଶାଇ ୪୦୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସହାର ୭୯.୩୭ ପ୍ରତିଶତ ରହିଛି। ଏନେଇ ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟର ଉପ- ସଚିବ ରାଜେଶ ପ୍ରଧାନ ପ୍ରକାଶ କରିଛନ୍ତି।

# 'ବାସ୍ତବ' ପରିବାର ପକ୍ଷରୁ ମେଧା ବୃତ୍ତି ସମ୍ମାନ ସମାରୋହ



ବାରିପଦା, ୨୦।୫(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାସ୍ତବ ପରିବାର ଆନୁକୂଲ୍ୟରେ ସୁନନ୍ଦନ ମେଧା ବୃତ୍ତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୧୯୭୫ ମାଟ୍ରିକ ବ୍ୟାଚ୍ ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଂଗତ ପୁତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମେଧାବୀ ଛାତ୍ର ବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥାଏ। ଚଳିତ ବର୍ଷ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସରସ୍ୱତୀ ବିଦ୍ୟାବିହାରର ଛାତ୍ର ପାର୍ଥସାରଥି ମହାନ୍ତ ରାଜ୍ୟରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ତାଙ୍କୁ ଉପଢୌକନ, ଫଳକ, କଲର କିଟ୍ ଓ ସମ୍ବର୍ଦ୍ଧନା ପତ୍ର ସହ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପରିବାର ପକ୍ଷରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ପାଦକ ଅରୁଣ ପାତ୍ର ଓ ସମାଜସେବୀ ଅମର ସେଠୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ କାଉନସିଲର ସୁକେସିନୀ ସେଠୀ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ରୀ ମହାନ୍ତ, ଚିତ୍ରାଙ୍କନ ପ୍ରତିଯୋଗିତାର ବିଚାରକ ନରସିଂହ ବାରିକ, ଅମରେଶ ବାସୁରୀ, ମହେନ୍ଦ୍ର ନାଥ ଦଣ୍ଡପାଟଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

# ଓରମାସ୍‌ର 'ଗାଁ ଆମ୍ବ ପସରା' ଉଦ୍‌ଘାଟିତ

ବାରିପଦା, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଆମ୍ବର ପ୍ରଚାର ପ୍ରସାର ସହ ସ୍ଥାନୀୟ ଆମ୍ବ ଚାଷୀଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଓ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉନ୍ନତମାନର ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ୍, ମୟୂରଭଞ୍ଜ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାରିପଦାଠାରେ ଗାଁ ଆମ୍ବ ପସରା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି ଗ୍ରାମୀଣ ଚାଷୀଙ୍କ ଉତ୍ପାଦକୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ। ଏହା ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ସହ ସ୍ଥାନୀୟ ଫଳଚାଷକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଆମ୍ବ ପସରାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ଗୋପାଳଭୋଗ, ରାଜଭୋଗ ଓ ବାଇଗଣପଲେଇ ଭଳି ବିଭିନ୍ନ ପ୍ରଜାତିର ଆମ୍ବ ପ୍ରଦର୍ଶନ ଓ ବିକ୍ରୟ କରାଯାଉଛି। ପ୍ରଜାତି ଅନୁଯାୟୀ କିଲୋ ପିଛା ୫୫ ଟଙ୍କାରୁ ୮୫ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇଥିବାରୁ ଗ୍ରାହକମାନେ ସୁଲଭ ଦରରେ ତାଜା ଓ ଗୁଣାତ୍ମକ ଆମ୍ବ କ୍ରୟ କରିପାରୁଛନ୍ତି। ସ୍ୱାଦ, ସୁଗନ୍ଧ ଓ ଗୁଣବତ୍ତା ପାଇଁ ପରିଚିତ ମୟୂରଭଞ୍ଜର ଆମ୍ବ ପ୍ରତି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଆଗ୍ରହ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ଏଭଳି ଆୟୋଜନ ମାଧ୍ୟମରେ ଚାଷୀମାନେ ମଧ୍ୟସ୍ଥ ବ୍ୟବସାୟୀଙ୍କ ଉପରେ ନିର୍ଭରଶୀଳ ନହୋଇ ସିଧାସଳଖ ଭାବେ ଗ୍ରାହକଙ୍କ ନିକଟକୁ ନିଜ ଉତ୍ପାଦ ପହଞ୍ଚାଇପାରୁଛନ୍ତି। ଏହା ଫଳରେ ଚାଷୀମାନେ ଉଚିତ ମୂଲ୍ୟ ପାଉଥିବା ବେଳେ ଗ୍ରାହକମାନେ ମଧ୍ୟ ଉତ୍ତମମାନର ଆମ୍ବ ସୁଲଭ ଦରରେ ପାଇପାରୁଛନ୍ତି। ମୟୂରଭଞ୍ଜ ଫଳ ଏବଂ ପନିପରିବା କୃଷକ ଉତ୍ପାଦ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଥିବାବେଳେ ଏହା ଆଗାମୀ ଏକ ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଓରମାସ୍ ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ସମେତ ଓରମାସ୍, ଉଦ୍ୟାନ ବିଭାଗ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ, ଆମ୍ବ ଚାଷୀ ଏବଂ ବହୁ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ଥିଲେ।




## ବାରିପଦା ଷ୍ଟାଡ଼ିୟମରେ ଫ୍ଲଡଲାଇଟ୍ ଲଗାଯିବା ଦାବି



ବାରିପଦା, ୨୦।୫ (ସମିସ): ମୟୂରଭଞ୍ଜର ସର୍ବପ୍ରାଚୀନ ବାରିପଦା ଷ୍ଟାଡ଼ିୟମରେ ତିନିବର୍ଷ ପୂର୍ବରୁ ଫ୍ଲଡଲାଇଟ୍ ଷ୍ଟାଣ୍ଡ ନିର୍ମାଣ ସରିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେଥିରେ ଆଲୋକ ସଂଯୋଗୀକରଣ ହୋଇପାରିନାହିଁ। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା କରାଯାଇଥିଲା, ତାହା ଫଳପ୍ରଦ ହୋଇପାରୁ ନ ଥିବାରୁ କ୍ରୀଡ଼ାବିତ ଓ କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ନେଇ ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି ଲୋହିତ ଦାଶଙ୍କ ନେତୃତ୍ୱରେ କ୍ରୀଡ଼ାବିତ ବିନୋଦ ରାମ, ସୁଜନ ମହାନ୍ତି, ଗଣେଶ ଦାସ, ସୁଶାନ୍ତ କରନ, ଜିତେନ୍ଦ୍ର ବେହେରା, ମୀର ଆକବର ଅଲ୍ଲୀ ଓ ରବି ପ୍ରଧାନ ପ୍ରମୁଖ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଆଗାମୀ ଦିନରେ ଯୁବ ଖେଳାଳି ଷ୍ଟାଡ଼ିୟମରେ ରାତିରେ ମଧ୍ୟ ଖେଳିବାର ସୁଯୋଗ ପାଇପାରିବେ ବୋଲି ସମସ୍ତେ ଆଶାବାଦୀ ଅଛନ୍ତି।

## ମା' ବାସୁଲୀ ଉଡ଼ାଯାତ୍ରା ପରିଚାଳନା କମିଟି ବୈଠକ



ମହୁଲଡିହା, ୨୦।୫(ସମିସ): ଠାକୁରମୁଣ୍ଡା ମା' ବାସୁଲୀ ଉଡ଼ାଯାତ୍ରା ପରିଚାଳନା କମିଟି ପୂର୍ବ ଘୋଷଣା ମୁତାବକ ୧୯ ତାରିଖ ଅପରାହ୍ନରେ ଆୟବ୍ୟୟ ହିସାବ ସାର୍ବଜନୀନ କରିଛି। ଦୀର୍ଘ ବର୍ଷ ପରେ ପ୍ରଥମଥର ପାଇଁ ଯାତ୍ରା କମିଟି ସର୍ବସାଧାରଣଙ୍କୁ ହିସାବ ଅବଗତ କରିଛି। ପୂର୍ବରୁ କେବେ ହିସାବ ଦେଇଥିବା ନଜିର ନାହିଁ। ଫଳରେ ନୂଆ କମିଟି ସଦସ୍ୟଙ୍କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି। ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରକାଶ ସାହୁ ଆୟବ୍ୟୟ ଉପସ୍ଥାପନା କରିଥିଲେ। ଚଳିତବର୍ଷ ସମୁଦାୟ ୧୨, ୯୪, ୦୧୩ ଟଙ୍କା ଆୟ ହୋଇଥିବାବେଳେ ବ୍ୟୟ ୮, ୪୦, ୩୮୬ ହେବା ପରେ ଏବେ ବଳକା ଟଙ୍କା ୪, ୫୩, ୬୨୬ ଟଙ୍କା ରହିଥିବା ଦର୍ଶାଯାଇଛି। ଆଗାମୀ ବର୍ଷ ପାଇଁ ଯୋଜନାରେ ଏହି ହିସାବ ବେଶ ସହାୟକ ହେବ ବୋଲି କୁହାଯାଉଛି। ପୂର୍ବ କମିଟିମାନଙ୍କୁ ହିସାବ ମାଗିଲେ ମଧ୍ୟ ଦେଉ ନ ଥିବାବେଳେ ଯୁବ ଗୋଷ୍ଠୀ ଦାୟିତ୍ୱ ନେଇ ସବୁ କିଛି ସ୍ୱଚ୍ଛ ଭାବେ କରିବାକୁ ଉଦ୍ୟମ କରିଥିଲେ। ସେହି ସ୍ୱଚ୍ଛତାର ନମୁନା ଭାବେ ନିଜ ଆଡୁ ଡାକି ହିସାବ ଦେଇଥିବାରୁ ସମସ୍ତେ ଧନ୍ୟବାଦ ଜଣାଇଛନ୍ତି।

## ବୈଶିଙ୍ଗା ଥାନାରେ ଆମ ପୁଲିସ ସମିତି ବୈଠକ

ବେତନଟୀ, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅଭ୍ୟର୍ଥନା କକ୍ଷରେ ରବିବାର ଆମ ପୁଲିସ ସମିତି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଥାନାଧିକାରୀ ବାରିଣୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମହିଳା ଶିଶୁ ଡେସ୍କ ଅଧିକାରୀ ଇତିଶ୍ରୀ ସାହୁ, ଏସ୍ଆଇ ସରୋଜ ଜେନା, ଏଏସ୍ଆଇ ମିତ୍ରଭାନୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା, ଜିଲ୍ଲା ସମେତ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ମଜବୁତ୍ କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି। ଉପସ୍ଥିତ ସଦସ୍ୟ ପୁଲିସର ଦକ୍ଷତା ବୃଦ୍ଧି ପାଇଁ ପରାମର୍ଶ ଦେଇଥିବାବେଳେ ପୁଲିସ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଆଇନଜୀବୀ ମନୋଜ ପଣ୍ଡା ଆଇନଗତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେହଭଳି ଜଣେ ସାମ୍ବାଦିକ ଗାଡ଼ି ଯାଞ୍ଚ ସମୟରେ ବାଇକ୍ ଚାଳକଙ୍କ ହେଲମେଟ୍ ଯାଞ୍ଚ କରାଯାଉଥିବାବେଳେ ଟ୍ରାକ୍ଟର ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ନ କରାଯିବା ନେଇ ଦୁଃଖ ପ୍ରକାଶ କରିଥିଲେ।

# ଖୁଣ୍ଟା ଥାନା ଅଞ୍ଚଳରେ ବଢୁଛି ଅପହରଣ ଓ ନିର୍ଯାତନା

କୁଆମରା, ୨୦।୫(ସମିସ): ଖୁଣ୍ଟା ଥାନା ଅଞ୍ଚଳରେ ବର୍ଷକୁ ବର୍ଷ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସେଥିମଧ୍ୟରୁ ଅପହରଣ ଓ ନାରୀ ନିର୍ଯାତନା ମାମଲା ଅଧିକ ଦେଖିବାକୁ ମିଳୁଛି। ମହିଳା ଏବେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଥାନାରେ ଯେତିକି ମାମଲା ରୁଜୁ ହେଉଛି, ସେଥି ମଧ୍ୟରୁ ୩୦ ପ୍ରତିଶତ ନାବାଳିକା ଅପହରଣ ଓ ଯୌତୁକ ନିର୍ଯାତନା। କେଉଁଠି ମହିଳା ଯୌତୁକ ପାଇଁ ତ କେଉଁଠି ସ୍ୱାମୀର ନିଶା ପାଇଁ ନିର୍ଯାତନା ସହି ନ ପାରି ଶେଷରେ ବାପ ଘରେ ଆଶ୍ରିତ। ବିଶେଷକରି ପ୍ରେମ ବିବାହ କ୍ଷେତ୍ରରେ ଅଧିକ ନିର୍ଯାତନା ଦେଖିବାକୁ ମିଳୁଛି। ସେହିପରି ଅପହରଣ ମାମଲା ଅଭିଭାବକଙ୍କୁ ଯେମିତି ଚିନ୍ତାରେ ପକାଇଛି, ପୁଲିସର ସେତିକି ମୁଣ୍ଡବଥା ବଢ଼ିଛି।

ବିଶେଷକରି ନାବାଳିକା ଅପହରଣ ମାମଲା ନବମ ଶ୍ରେଣୀରୁ +୨ ପଢୁଥିବା ଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। ବିଦ୍ୟାଳୟ ଓ କଲେଜକୁ ଆସି ଅପହରଣ ହେଉଥିବା ମାମଲା ଉକ୍ତ ଥାନାରେ ୧୦ ପ୍ରତିଶତରୁ ଅଧିକ ରହିଛି। ସେଥିମଧ୍ୟରୁ ପୁଲିସ କେତେକ କ୍ଷେତ୍ରରେ ଉଦ୍ଧାର କରିଥିବାବେଳେ ଆଉ କେତେକ ଏବେ ବି ଫେରାର ଥିବା ପୁଲିସ ରେକର୍ଡରେ ରହିଛି। ତେବେ ପୁଲିସର କ୍ଷମତା ସଂକୁଚିତ ହେବା ଯୋଗୁଁ ଏହି ଅପରାଧ ବଢୁଥିବା କହିଛନ୍ତି ବୁଦ୍ଧିଜୀବୀ। ପ୍ରତି ବ୍ଲକରେ ଗୋଟିଏ ଥାନା ପ୍ରତିଷ୍ଠା ହେବ, ଆବଶ୍ୟକ ସ୍ଥଳେ ବଡ ବଡ ବ୍ଲକରେ ଅଧିକ ଜନସଂଖ୍ୟା ଥିଲେ ଦୁଇଟି ଥାନା ପ୍ରତିଷ୍ଠା ହେବ ବୋଲି ଓଡ଼ିଶା ସରକାର ୨୦୦୮ ରେ ଘୋଷଣା କରିଥିଲେ। ବିଡ଼ମ୍ବନାର ବିଷୟ ଖୁଣ୍ଟା ଗୋପବନ୍ଧୁନଗର ଦୁଇଟି ବ୍ଲକକୁ ନେଇ ଏବେ ବି ଗୋଟିଏ ଥାନା ରହିଛି। ଉକ୍ତ ଦୁଇଟି ବ୍ଲକର ୨୭ଟି ପଞ୍ଚାୟତର ୧ ଲକ୍ଷ ୭୦ ହଜାରରୁ ଅଧିକ ଜନସଂଖ୍ୟା ରହିଛି। ପ୍ରତି ବ୍ଲକର ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ମଧ୍ୟସ୍ଥଳୀ ସ୍ଥାନରେ ଥାନା ପ୍ରତିଷ୍ଠା ହେବ ବୋଲି ଘୋଷଣା ଥିବାବେଳେ ଏବେ ଉଭୟ ବ୍ଲକର ଶେଷ ସୀମାରେ ଏହି ଥାନା ରହିଛି। ଥାନାଠାରୁ ବ୍ଲକର ଶେଷ ସୀମା ୪୦ କିଲୋମିଟର ଦୂରତ୍ୱ ହେଉଥିବାରୁ ଜରୁରୀ ସମୟରେ ପ୍ରଶାସନିକ ସେବା ମିଳିବାରେ ବିଳମ୍ବ ଘଟୁଛି। ଦୁଇଟି ବ୍ଲକର ଆୟତନ ଓ ଲୋକ ସଂଖ୍ୟା ନିମନ୍ତେ ଆବଶ୍ୟକ ପୁଲିସ ନାହାନ୍ତି। ଫଳରେ ଜରୁରୀ ସେବାରେ ବିଳମ୍ବ ଘଟୁଛି। ଗୋପବନ୍ଧୁନଗର ବ୍ଲକ ସୀମାକୁ ଲାଗି ନୀଳଗିରି ବ୍ଲକ, ବଡ଼ସାହି ବ୍ଲକ, ବାଲେଶ୍ୱର ଜିଲ୍ଲା ଓ ଜାତୀୟ ରାଜପଥ ରହିଛି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଏଠାରେ ନୂତନ ଥାନା ପ୍ରତିଷ୍ଠାର ଆବଶ୍ୟକ ଅଛି ବୋଲି ସାଧାରଣରେ ଦାବି ହେଉଛି। ତେବେ ପ୍ରତିଷ୍ଠା ହୋଇ ନ ପାରିବା ପଛରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହ ପ୍ରଶାସନିକ ସ୍ଥାଣୁତା ଦାୟୀ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି।

# ମିଶନ ଶକ୍ତି ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

## ଭତ୍ତା, ଡିଏ, ଟିଏ ଓ ଋଣ ସମସ୍ୟାର ସମାଧାନ ପାଇଁ ଦାବି

ବାରିପଦା, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲାର ମିଶନ ଶକ୍ତି ମହାସଂଘ ପକ୍ଷରୁ ବୁଧବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡିଏଲଏଫ୍, ବିଏଲଏଫ୍ ଏବଂ ଜିପିଏଲଏଫ୍‌ର ଶତାଧିକ ମହିଳା କର୍ମକର୍ତ୍ତା ଧାରଣରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବି ମୁତାବକ ମିଶନ ଶକ୍ତି ମହାସଂଘ ମୟୂରଭଞ୍ଜ ଜିଲ୍ଲାରେ ମହିଳା ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ତୃଣମୂଳ ସ୍ତରରେ ମହିଳାଙ୍କୁ ସଶକ୍ତ କରାଯିବା ସହ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଡିଏଲ୍ଏଫ୍, ବିଏଲ୍ଏଫ୍ ଏବଂ ଜିପିଏଲ୍ଏଫ୍ କର୍ମୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ଆଜକୁ ୯ମାସ ଧରି ସେମାନଙ୍କୁ ମିଳୁଥିବା ଭତ୍ତା ବା ଟିଏ, ଡିଏ ମିଳିପାରିନାହିଁ। ଏ ନେଇ ମଙ୍ଗଳବାର ଜିଲ୍ଲା ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତେ ଦିନ ତମାମ ଧାରଣା ଦେଇଥିଲେ। ତଥାପି ସମସ୍ୟା ସମାଧାନ ନ ହେବାରୁ ବୁଧବାର ମିଶନ ଶକ୍ତି ମହାସଂଘର ଅଧ୍ୟକ୍ଷା ବିଷ୍ଣୁପ୍ରିୟା ଦାସ, ସମ୍ପାଦିକା ସୁଦୀପ୍ତା ବାରିକ, ସୁଜାତା ପରିଡ଼ା ଓ କୋଷାଧ୍ୟକ୍ଷା ଚିତ୍ରସ୍ମିତା ପୁଟି ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇଥିଲେ। ତୁରନ୍ତ ସେମାନଙ୍କୁ ୯ମାସର ବକେୟା ଟିଏ ଓ ଡିଏ ଯୋଗାଇ ଦେବା ସହ ମିଶନଶକ୍ତି ଭବନକୁ ଆସବାବପତ୍ର ଯୋଗାଇ ଦେବା, ମିଶନ ଶକ୍ତି ମହିଳାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଏକ୍ସପୋଜର ଭିଜିଟ ପାଇଁ ସୁଯୋଗ ସୃଷ୍ଟି କରିବା, ୨୦୨୪ ଓ ୨୦୨୫ର ଫ୍ଲାଗ ଅର୍ଥ ପ୍ରଦାନ କରିବା, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଜୀବନଜୀବିକା ତାଲିମ ପ୍ରଦାନ କରିବା ସହ ବିଏଲ୍ଏଫ୍ ଅଫିସର ସୁଇପରଙ୍କୁ ଦରମା ପ୍ରଦାନ କରିବା ଇତ୍ୟାଦି ଦାବି କରିଛନ୍ତି। ତେବେ ଦୀର୍ଘ ସମୟ ଧରି ମହିଳାମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣରେ ବସିରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ବାରିପଦା ନଗରପାଳ ସୀମା ଦାସ ଓ ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ମିଶ୍ର ଆସି ଧାରଣାରତ ମହିଳା ଏବଂ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସହ ଆଲୋଚନା କରିବା ପରେ ଜିଲ୍ଲାପାଳ ମହିଳା ମାନଙ୍କୁ ତୁରନ୍ତ ଟିଏ, ଡିଏ ପ୍ରଦାନ ସହ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସମସ୍ତେ ଧାରଣରୁ ଓହରି ଯାଇଥିଲେ।



## ବେତନଟୀ କଲେଜର ଶୁଭ୍ରଜିତ୍ ପ୍ରଧାନ ଗଣିତରେ ବିଶ୍ୱବିଦ୍ୟାଳୟ ଟପ୍ପର



ବେତନଟୀ, ୨୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ବିଶ୍ରାମପୁର ଗ୍ରାମର ଛାତ୍ର ଶୁଭ୍ରଜିତ ପ୍ରଧାନ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଗଣିତ ସମ୍ମାନରେ ୮୯.୮୬ ପ୍ରତିଶତ ନମ୍ବର ଓ ୯.୪୩ ସିଜିପିଏ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହେବା ସହ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ବ୍ୟବସାୟୀ ସୁଜିତ ପ୍ରଧାନ ଓ ଗୃହିଣୀ ଶ୍ରୀମତୀ ଲାଲିମା ପ୍ରଧାନଙ୍କ ପୁଅ ଶୁଭ୍ରଜିତ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗରୁଡ଼ବସାରୁ ଦଶମ ଶ୍ରେଣୀରେ ୯୭.୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳରୁ +୨ ଶିକ୍ଷା ସମାପ୍ତ କରିଥିଲେ। କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ନୁହେଁ, ଜାତୀୟ ସ୍ତରରେ ବି ଶୁଭ୍ରଜିତ୍ ନିଜର ପ୍ରତିଭା ଦେଖାଇଛନ୍ତି। ଚଳିତ ବର୍ଷ ସେ ପ୍ରବେଶିକା ପରୀକ୍ଷା ଆଇଆଇଟି ଜାମ୍‌ରେ ସର୍ବଭାରତୀୟ ସ୍ତରରେ ୨୮୪ ର୍‌ୟାଙ୍କ ହାସଲ କରିଛନ୍ତି। ଏହାସହ ସିୟୁଇଟି ପରୀକ୍ଷାରେ ମଧ୍ୟ ୨୦୮ ନମ୍ବର ରଖି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଖଡ଼ଗପୁର, କାନପୁର କିମ୍ବା ହାଇଦ୍ରାବାଦ ଆଇଆଇଟିରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ପାଇଁ ବେତନଟୀ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ଗଣିତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ଭୋଇ, ପ୍ରାକ୍ତନ ଅଧ୍ୟାପକ ସୀମାନ୍ତ ଜେନା, ଅଧ୍ୟାପିକା ମାମାଲି ଶୁଚିସ୍ମିତା ସିଂହଙ୍କ ସମେତ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ବିଶ୍ରାମପୁର ଗ୍ରାମବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶୁଭ୍ରଜିତ୍ ସଫଳତାର ଶ୍ରେୟ ତାଙ୍କ ବାପାମାଆ, ଶିକ୍ଷକ ଓ ଭଗବାନଙ୍କୁ ଦେଇଛନ୍ତି।



